text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.

'ପ୍ରମେୟ'

# ଅନ୍ତରୀକ୍ଷର ଆଖି



EVENTS

# ଗାଁ ନାଁ ନଗଡ଼ା, ସେନ୍‌ସସ୍ କୋଡ୍ ୪୦୦୫୧୪

ଜିଲ୍ଲା-ଯାଜପୁର, ତହସିଲ/ବ୍ଲକ-ସୁକିନ୍ଦା, ଗ୍ରାମପଞ୍ଚାୟତ-ଚିଙ୍ଗୁଡ଼ିପାଳ, ରାଜସ୍ୱ ଗ୍ରାମ-ନଗଡ଼ା, ସେନ୍‌ସସ୍ କୋଡ୍-୪୦୦୫୧୪ । ସମୁଦ୍ର ପତ୍ତନଠୁ ଉଚ୍ଚତା-୭୨ ମିଟର । ଉପର ନଗଡ଼ା, ମଝି ନଗଡ଼ା, ତଳ ନଗଡ଼ା, ଗୁହିଆଶାଳ ଓ ତଳ ଗୁହିଆଶାଳକୁ ମିଶେଇ ୨୦୧୧ ଜନଗଣନା ତଥ୍ୟ ଆଧାରରେ ମୋଟ୍ ପରିବାର ସଂଖ୍ୟା ୬୪ । ଜନସଂଖ୍ୟା- ୫୪୩ । ଏମିତିରେ ନଗଡ଼ା ଆଦିମ ଜନଜାତି ରହୁଥିବା (ଜୁଆଙ୍ଗ) ଗାଁଟିଏ । ତେବେ ଏହା ହିଁ ସାଂପ୍ରତିକ ପରିସ୍ଥିତିରେ ନଗଡ଼ାର ଏକମାତ୍ର ପରିଚୟ ନୁହେଁ । ଗତ କେତେଦିନ ଧରି ଶିଶୁ ମଡକ ପାଇଁ ଚର୍ଚ୍ଚାକୁ ଆସିଥିବା ନଗଡ଼ା ଏବେ ଖବରକାଗଜମାନଙ୍କର ପ୍ରଥମ ପୃଷ୍ଠା ଅକ୍ତିଆର କରିନେଇଛି । ପ୍ରକାଶିତ ସମ୍ବାଦ ଅନୁଯାୟୀ, ଗତ ୩/୪ ମାସ ଭିତରେ ଏଇ ଗାଁରେ ଅନ୍ୟୂନ ୧୯ ଜଣ ଶିଶୁ ଭୀଷଣ ପୁଷ୍ଟିହୀନତା କାରଣରୁ ମୃତ୍ୟୁମୁଖରେ ପଡ଼ିଛନ୍ତି । ଏଣେ ସରକାରୀ ତଥ୍ୟ କହୁଛି, ଗୁହିଆଶାଳ ଗାଁରେ ୪୫ ଜଣ ଏବଂ ନଗଡ଼ାରେ ୫୫ ଶିଶୁ (୧ରୁ ୬ବର୍ଷ)ଙ୍କ ସମେତ ୬ରୁ ୧୮ ବର୍ଷ ମଧ୍ୟରେ ନଗଡ଼ା ଓ ଆଖପାଖର ୧୫୮ ଜଣ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ବରାବର ଯୋଗେଇ ଦିଆଯାଉଛି । ନାଗରିକ ସମାଜ ପ୍ରଶ୍ନ ଉଠେଇଛନ୍ତି, ଯଦି ସତରେ ବର୍ଷ ବର୍ଷ ଧରି ପୁଷ୍ଟିକର ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗେଇ ଦିଆଯାଉଛି, ତେବେ ଏତେ ଭୟଙ୍କର ଶିଶୁ ମଡ଼କ ନଗଡ଼ାରେ ପଡ଼ିଲା କେମିତି ? ଯଦି ଜିଲ୍ଲାରେ ସରକାରୀ ଟୀକାଦାନ କାର୍ଯ୍ୟକ୍ରମ ଅବ୍ୟାହତ ରହିଥିଲା, ତେବେ ନଗଡ଼ାରୁ ଏବେ ଏବେ ସଂଗୃହୀତ ୧୨ ଜଣଙ୍କ ରକ୍ତ ନମୂନାରୁ ୧୧ ଜଣଙ୍କ ରକ୍ତରେ ମିଳିମିଳା ଠାବ ହେଲା କିପରି ? ପାହାଡ଼ ଚଢ଼ି, ଅପ୍ରଶସ୍ତ ପଥୁରିଆ, ପାଦଚଲା ରାସ୍ତାରେ ସରକାରୀ କର୍ମଚାରୀମାନେ କ'ଣ ସତରେ ପହଞ୍ଚୁଛନ୍ତି ?

ନଗଡ଼ାକୁ ଏବେ ତୁଳନା କରାଯାଉଛି ଇଥିଓପିଆ ନଚେତ୍ ସୋମାଲିଆ ସହିତ । ଉଭୟ ଅଞ୍ଚଳର କଙ୍କାଳସାର ଶିଶୁଙ୍କ ମଧ୍ୟରେ ଅଜବ ସାଦୃଶ୍ୟ ଦୃଶ୍ୟମାନ ହୋଇଛି ।

ବିରୋଧୀ ଦଳମାନେ କହୁଛନ୍ତି ଯେ, ସମୃଦ୍ଧ କଳିଙ୍ଗନଗର ଶିଳ୍ପାଞ୍ଚଳଠାରୁ ମାତ୍ର କିଛି ଦୂରରେ ଅବସ୍ଥିତ ଏକ ଗାଁରେ ଯଦି ଶିଶୁ ମଡ଼କ ପଡୁଛି, ତେବେ ଦୁର୍ଗମ ଅଞ୍ଚଳର ଚିତ୍ର ଆଶାତୀତ ଭାବରେ ବିପର୍ଯ୍ୟସ୍ତ ହୋଇସାରିଛି । ସ୍ୱାଧୀନୋତ୍ତର ଓଡ଼ିଶାର ଅଧିକାଂଶ ଗାଁକୁ ଅଳ୍ପ ବହୁତ ଛୁଇଁଥିବା ବିକାଶର ଛାଇ ବି ଏଠି ପଡ଼ିନାହିଁ । ରାସ୍ତାଘାଟ, ପିଇବା ପାଣି, ବିଜୁଳି ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ନଗଡ଼ାବାସୀ ବଞ୍ଚିତ ହୋଇ ରହିଛନ୍ତି । ଏଣେ ବିକାଶ ପାଇଁ ଅର୍ଥ ଆଉ ପ୍ରତିବନ୍ଧକ ହୋଇ ରହିନାହିଁ । ନଗଡ଼ାକୁ ଏଇ ପରିପ୍ରେକ୍ଷୀରେ 'ଅପାରଗତାର ଚକଡ଼ା' ବୋଲି କୁହାଯାଉଛି । ଖବରକାଗଜରେ ପ୍ରକାଶ ପାଇଛି, ଏଇ ଅଞ୍ଚଳରେ ରହୁଥିବା ଜୁଆଙ୍ଗ ଆଦିବାସୀଙ୍କ ସଂପର୍କରେ କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଜୁଆଙ୍ଗ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଖବର ନଥିଲା । ଏ ପ୍ରବନ୍ଧ ଲେଖାହେବା ବେଳକୁ ରାଜ୍ୟ ସରକାର ସଂପୃକ୍ତ ଅଞ୍ଚଳରେ ପାନୀୟଜଳ, ସଡ଼କ, ଯୋଗାଯୋଗ, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ନିରାପତ୍ତା ପାଇଁ ଟାସ୍କ ଫୋର୍ସ ଗଠନ କରିଛନ୍ତି ଏବଂ ପ୍ରତ୍ୟେକ ବିଭାଗ ପାଇଁ ଜଣେ ଲେଖାଏଁ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦେଇଛନ୍ତି । ପରିସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହିତ ଗ୍ରହଣ କରିଛି ।

ପାଠକେ, ପୁଷ୍ଟିହୀନତା କେବଳ ନଗଡ଼ାରେ ସୀମିତ ନୁହେଁ । ଏ କ୍ଷେତ୍ରରେ ଦେଶର ପ୍ରମୁଖ ପଛୁଆ ରାଜ୍ୟମାନଙ୍କ ତାଲିକାରେ ଓଡ଼ିଶା ସ୍ଥାନ ପାଇଛି । ଏଇ ତାଲିକାରେ ଓଡ଼ିଶା ବାଦ୍ ଅନ୍ୟାନ୍ୟ ରାଜ୍ୟମାନେ ହେଲେ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆସାମ ଓ ରାଜସ୍ଥାନ । ଗତବର୍ଷ ପ୍ରକାଶ ପାଇଥିବା ଖବର ଅନୁସାରେ, ଭାରତରେ ୨.୩ କୋଟି ଶିଶୁ ପୁଷ୍ଟିହୀନତାର ଶିକାର । ୨୦୧୧ ଜନଗଣନା ତଥ୍ୟ ଆଧାରରେ ଦେଶରେ ୬ ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ସଂଖ୍ୟା ୧୬ କୋଟି । ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ସଂଯୁକ୍ତ ୧୩ ଲକ୍ଷ ଅଙ୍ଗନବାଡ଼ି କେନ୍ଦ୍ର । ୨୦୧୩-୧୪ରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ବିଭାଗ ୟୁନିସେଫ ସହିତ କରିଥିବା ମିଳିତ ସର୍ଭେ/ ଅଧ୍ୟୟନ ମୁତାବକ ଭାରତରେ ସ୍ୱାଭାବିକ 'ମାନକ'ଠାରୁ କମ୍ ଓଜନ ଥିବା ପିଲାଙ୍କ ସଂଖ୍ୟା ୨୯.୪% ହୋଇଥିବାବେଳେ ବୟସ ଅନୁପାତରେ କମ୍ ଓଜନ (ଷ୍ଟଣ୍ଟିଂ) ପିଲାଙ୍କ ସଂଖ୍ୟା ୩୮.୭% । ପର୍ଯ୍ୟବେକ୍ଷକମାନଙ୍କ ମତ ଯେ, ୧୯୯୧ରେ ଅର୍ଥନୈତିକ ଉଦାରୀକରଣ ଉପରାନ୍ତ ଆମ ଜି.ଡି.ପି.ର (ମୋଟ ଘରୋଇ ଉତ୍ପାଦନ) ଚିତ୍ର ଓ ଚରିତ୍ର ଯଦିଓ ବଦଳୁଛି, ତଥାପି ଅପପୁଷ୍ଟିକୁ ନେଇ ଆମର ଦୁର୍ଭାଗ୍ୟଜନକ ପରିସ୍ଥିତି ଅପରିବର୍ତ୍ତିତ ରହିଛି । ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍), ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ, ପରିପୂରକ ପୁଷ୍ଟି ଯୋଜନା ଏବଂ ଜାତୀୟ ସ୍ୱାସ୍ଥ୍ୟ

ମିଶନ ମାଧ୍ୟମରେ ପର୍ଯ୍ୟାପ୍ତ ଖର୍ଚ୍ଚ ପରେ ବି ସ୍ଥିତିରେ ଲକ୍ଷ୍ୟଣୀୟ ସୁଧାରଠାରୁ ଆମେ ଦୂରରେ। ବରଂ ଏ କ୍ଷେତ୍ରରେ ଆମର ଅବସ୍ଥା ଆଫ୍ରିକାର ଗରିବ ଦେଶମାନଙ୍କ ସହିତ ତୁଳନୀୟ। ୟୁନିସେଫ୍ ସୂତ୍ରକୁ ଉଦ୍ଧାର କରି ଖବରକାଗଜରେ ବାହାରିଛି ଯେ ଓଡ଼ିଶାରେ ୫ ବର୍ଷରୁ କମ୍ ବୟସର ପିଲାଙ୍କ ଭିତରେ ୪୫% ପୁଷ୍ଟିହୀନତାର ଶିକାର ଏବଂ ଜନଜାତିମାନଙ୍କ କ୍ଷେତ୍ରରେ ଏଇ ହାର ୫୭%। ପୁଣି ୧୮ରୁ ୨୩ ମାସ ବୟସ ବନ୍ଧନୀରେ ଜନଜାତିଙ୍କ କ୍ଷେତ୍ରରେ ବୟସ ଅନୁପାତରେ ଶାରୀରିକ ବିକାଶ (ଉଚ୍ଚତା ବୃଦ୍ଧି) ୮୩% କ୍ଷେତ୍ରରେ ପ୍ରଭାବିତ। ଗଜପତି, ମାଲକାନଗିରି, କୋରାପୁଟ ଏବଂ ରାୟଗଡ଼ା ପରି ଅଞ୍ଚଳରେ ସ୍ଥିତି ଅଧିକ ସମ୍ବେଦନଶୀଳ। ରାଜ୍ୟର ସାଢ଼େ ଚାରିକୋଟି ଲୋକଙ୍କ ଭିତରୁ ୧.୪୦ କୋଟି ରକ୍ତହୀନତା ଓ ପୁଷ୍ଟିହୀନତା ଭୋଗୁଛନ୍ତି। ୫ ବର୍ଷ ବୟସରୁ କମ୍ ବାଳିକାମାନଙ୍କ ମଧ୍ୟରୁ ୬୭% ରକ୍ତହୀନତାର ଆକ୍ରାନ୍ତ ଥିବାବେଳେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ମଧ୍ୟରୁ ୬୨% ଉଭୟ ରକ୍ତହୀନତା ଓ ପୁଷ୍ଟିହୀନତାର ଶିକାର। ରାଜ୍ୟରେ ଅନ୍ତତଃ ୧୫%, ୧୮୯୦ କ୍ୟାଲୋରୀରୁ କମ୍ ଗ୍ରହଣ କରୁଛନ୍ତି। ୨୦୧୫-୧୬ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟରେ ସରକାର ଦର୍ଶାଇଛନ୍ତି ଯେ ରାଜ୍ୟରେ ପୁଷ୍ଟିହୀନତା ଉଦ୍‌ବେଗଜନକ।

ପାଠକେ, ତଥ୍ୟ ମୁତାବକ ଭାରତରେ ଅଛନ୍ତି ପୃଥିବୀର ସର୍ବାଧିକ ଭୋକିଲା ଲୋକ ଯାହା ମୋଟ କ୍ଷୁଧାର୍ତ୍ତଙ୍କ ଏକ-ଚତୁର୍ଥାଂଶ। ତେବେ ଶ୍ଳେଷ ହେଉଛି- ଭାରତ ଅପପୁଷ୍ଟି ସହିତ ଅତିପୁଷ୍ଟିକୁ ବି ସାମନା କରୁଛି। ସେଇ ମର୍ମରେ ସାରାପୃଥିବୀର ଏକ ତୃତୀୟାଂଶ ପୁଷ୍ଟିହୀନ/ରୁଗ୍ଣ ଶିଶୁ କେବଳ ଭାରତରେ ନାହାନ୍ତି, ଦେଶରେ ସଂଭ୍ରାନ୍ତ ପରିବାରମାନଙ୍କର ଏକ-ତୃତୀୟାଂଶ ଶିଶୁ 'ଅତିପୁଷ୍ଟି'ର ଶିକାର ମଧ୍ୟ ପାଲଟିଛନ୍ତି। ଅର୍ଥାତ୍, ଉତ୍କଟ ଦାରିଦ୍ର୍ୟ ସହିତ ପ୍ରାଚୁର୍ଯ୍ୟ ବି ଆମ ସହିତ ଦୋଳି ଖେଳୁଛି। ଆଉ ନଗଡ଼ା କେବଳ ଯାଜପୁରରେ ନାହିଁ କି ମହାକାଳପଡ଼ାର ଲୁଣିମାଟିଆରେ ନାହିଁ। ଦେଶର ଅଧେ ଜିଲ୍ଲାରେ ଏମିତି ଗାଁ ଅଛି ଯେଉଁଠିକୁ ରାସ୍ତା ନାହିଁ, ପିଇବା ପାଣି ନାହିଁ, ଯେଉଁଠି ବିଜୁଳି ନାହିଁ, ଯେଉଁଠି ଲୋକେ ଡାଲି, ଅଣ୍ଡା କି ତେଲ କେହି ଦେଖୁନାହାନ୍ତି, ଯେଉଁଠି ସ୍ୱାସ୍ଥ୍ୟସେବା କହିଲେ ଗୁଣିଗାରେଡ଼ି ଓ ଝଡ଼ାଫୁଙ୍କାକୁ ବୁଝାଏ; ଯେଉଁଠି ଗୋଟିଏ ଚୁଆରେ ମଣିଷ ଗାଧୋଇସାରି ସେଇଠୁ ପିଇବା ପାଇଁ ପାଣି ନିଏ, ଯେଉଁଠି ନୁଆଁଣିଆ ବଖୁରିକିଆ କୁଡ଼ିଆରେ ଘୁଷୁରି, ଛେଳି, କୁକୁଡ଼ା ସହିତ ଶୁଅନ୍ତି ରୋଗୀ ଓ ଶିଶୁ। ପାଠକେ, ନଗଡ଼ା ସେଇ ଦୃଷ୍ଟିରୁ ଏକ ନିର୍ଦ୍ଦିଷ୍ଟ ଗାଁ ନୁହେଁ, ବରଂ ଆମ, ବିପର୍ଯ୍ୟସ୍ତ ଅର୍ଥନୀତି ଓ ଜନଜୀବନର ଗ୍ରହଣ। ଆଉ ଏଥିପାଇଁ ଗୋଟାପଣେ ସରକାର ଦାୟୀ ନୁହଁନ୍ତି, ଅନେକ

ଦୃଷ୍ଟିରୁ ଆମେ ସମସ୍ତେ ଦାୟୀ । ସାଧାରଣ ନାଗରିକ, ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ-ସମସ୍ତେ । ଗଣଜୀବନରେ ଆମକୁ ଗ୍ରାସି ସାରିଥିବା ସମ୍ବେଦନହୀନତା ନଗଡ଼ାର ନିର୍ମାଣ ପାଇଁ ଯେତିକି ଦାୟୀ, ସେତିକି ଦାୟୀ ଆମ ଅର୍ଥନୈତିକ ବ୍ୟବସ୍ଥା ଉପୁଜାଉଥିବା ବୈଷମ୍ୟ । ଅଧିକ ଦୁର୍ଭାଗ୍ୟ ଯେ, ନଗଡ଼ା ଆମକୁ ଅନ୍ୟମନସ୍କ ଯେତିକି କରୁନାହିଁ, ସେତିକି ରୋମାଞ୍ଚିତ କରୁଛି । ଅବିକଳ ଏକ ଥ୍ରୀଲର୍ ପରି । ଅଥଚ ନିଜ ଭିତରେ ଏବଂ ବାହାରେ ଆମେ ହିଁ ପରୋକ୍ଷରେ ନଗଡାର ପୃଷ୍ଠପୋଷକ ହୋଇ ରହିଛୁ ।

(ପ୍ରମେୟ, ତା ୨୩/୭/୨୦୧୬)



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭିକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲ୍ଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟସ୍'

### ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ
ପାହାଡ ତଳର ଏକ ଗାଁ, ବୋଆ ସିନିଅର୍ଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ
ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍ର ଡେଣା

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-908070-1-2
978-81-908070-1-2

NONFICTION

ରଚନା
₹-୧୫୦